# NATIONAL NEWS BULLETIN (ODIA)

## 12 May - 2025

## Morning Bulletin : 7.28 a.m.

*************************************************

## ମୁଖ୍ୟ ସମ୍ବାଦ

- ଅସ୍ତ୍ରବିରତି ବୁଝାମଣା ଏବଂ ଏହାର ପରବର୍ତ୍ତୀ ପଦକ୍ଷେପ ନେଇ ଆଜି ଭାରତ-ପାକିସ୍ତାନ ଡି.ଜି.ଏମ୍.ଓ.ଙ୍କ ମଧ୍ୟରେ ହେବ ଆଲୋଚନା ।
- କୌଣସି ଅଜଣା ବିସ୍ଫୋରଣକ୍ଷମ ସାମଗ୍ରୀକୁ ସ୍ପର୍ଶ ନ କରିବାକୁ ଏନ୍.ଡି.ଏମ୍.ଏ.ର ପରାମର୍ଶ ।
- ଭଗବାନ ବୁଦ୍ଧଙ୍କ ଜନ୍ମ ଏବଂ ନିର୍ବାଣ ଦିବସ ଅବସରରେ ଆଜି ପାଳନ କରାଯାଉଛି ବୁଦ୍ଧ ପୂର୍ଣ୍ଣିମା ।
- ଯୁକ୍ତରାଷ୍ଟ୍ର ଆମେରିକା ଓ ଚୀନ୍ ମଧ୍ୟରେ ବାଣିଜ୍ୟ କାରବାର ନେଇ ଜେନେଭା ଠାରେ ଆଲୋଚନା ଅନୁଷ୍ଠିତ; ଆଜି ଘୋଷଣା ହେବ ବିସ୍ତୃତ ବିବରଣୀ ।

ଏବଂ

- ମହିଳା ତ୍ରିରାଷ୍ଟ୍ରୀୟ ଆନ୍ତର୍ଜାତିକ ଏକଦିବସୀୟ ଦିନିକିଆ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଟାଇଟଲ ହାସଲ କଲା ଭାରତ ।

# ଡିଜିଏମ୍ଓ ବ୍ରିଫିଙ୍ଗ୍

ଭାରତୀୟ ସେନାର ସାମରିକ ଅଭିଯାନ ମହାନିର୍ଦ୍ଦେଶକ – ଡିଜିଏମ୍ଓ ଲେଫ୍ଟନାଣ୍ଟ ଜେନେରାଲ୍ ରାଜୀବ ଘାଇ କହିଛନ୍ତି, ଅପରେସନ୍ ସିନ୍ଦୁର ଅଧୀନରେ ଭାରତ ପାକିସ୍ତାନ ଏବଂ ପାକ୍ ଅଧିକୃତ ଜାମ୍ମୁ କାଶ୍ମୀର ଅଞ୍ଚଳର ୯ଟି ସନ୍ତ୍ରାସବାଦୀ କେନ୍ଦ୍ର ସ୍ଥଳ ଉପରେ ଆକ୍ରମଣ କରିଛି । ଏଥିରେ ୧୦୦ରୁ ଅଧିକ ଆତଙ୍କବାଦୀ ନିହତ ହୋଇଛନ୍ତି । ନୂଆଦିଲ୍ଲୀରେ ଗତ ସନ୍ଧ୍ୟାରେ ଗଣମାଧ୍ୟମକୁ ସମ୍ବୋଧନ କରି ଶ୍ରୀ ଘାଇ କହିଛନ୍ତି, ୟୁସୁଫ ଆଝାର, ଅବଦୁଲ୍ ମାଲିକ୍ ରଫ୍ ଏବଂ ମୁଦାସିର୍ ଅହମ୍ମଦ ଭଳି କୁଖ୍ୟାତ ଆତଙ୍କବାଦୀ ଏହି ଆକ୍ରମଣରେ ନିହତ ହୋଇଛନ୍ତି । ସେମାନେ ଆଇ.ସି.୮୧୪ ବିମାନ ଅପହରଣ ଏବଂ ପୁଲଓ୍ୱାମା ବିସ୍ଫୋରଣ ଘଟଣାରେ ସମ୍ପୃକ୍ତ ଥିବା ଜଣାପଡ଼ିଥିଲା । ଉଭୟ ପକ୍ଷର ସାମରିକ ଅଭିଯାନ ମହାନିର୍ଦ୍ଦେଶକଙ୍କ ମଧ୍ୟରେ ଆଜି ଅସ୍ତ୍ରବିରତି ବୁଝାମଣା ଏବଂ ଏହାର ପରବର୍ତ୍ତି ପଦକ୍ଷେପ ନେଇ ମଧ୍ୟାହ୍ନ ୧୨ଟାରେ ଆଲୋଚନା ଅନୁଷ୍ଠିତ ହେବ ବୋଲି ସେ କହିଛନ୍ତି ।

ଆତଙ୍କବାଦୀ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଏବଂ ସେମାନଙ୍କର ଭିତ୍ତିଭୂମିକୁ ନଷ୍ଟ କରିବା ଲକ୍ଷ୍ୟ ନେଇ ଅପରେସନ୍ ସିନ୍ଦୁର କାର୍ଯ୍ୟକାରୀ କରାଯାଇଥିଲା । ଅତ୍ୟନ୍ତ ସତର୍କତାର ସହ ସୀମାପାର ଆତଙ୍କବାଦୀ ସ୍ଥଳୀ ଗୁଡ଼ିକୁ ଚିହ୍ନଟ କରାଯାଇ ଭାରତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା । ସେଥିମଧ୍ୟରେ ଆତଙ୍କବାଦୀ ଶିବିର ଏବଂ ପ୍ରଶିକ୍ଷଣ କେନ୍ଦ୍ର ଗୁଡ଼ିକ ଅନ୍ତର୍ଭୁକ୍ତ ଥିଲା ।

ସେ କହିଛନ୍ତି, ଗତ ଶନିବାର ଅପରାହ୍ଣରେ ପାକିସ୍ତାନ ଡି.ଜି.ଏମ୍.ଓ. ଫୋନ୍ ମାଧ୍ୟମରେ ଅସ୍ତ୍ରବିରତି ପାଇଁ ପ୍ରସ୍ତାବ ଦେଇଥିଲେ । ଏହାକୁ ଗ୍ରହଣ କରି ଉଭୟ ପକ୍ଷରୁ ଆକାଶମାର୍ଗ ଆକ୍ରମଣକୁ ବନ୍ଦ କରାଯାଇଥିଲା । ତେବେ ଅସ୍ତ୍ରବିରତି ବୁଝାମଣାର କିଛି ସମୟ ପରେ ପାକିସ୍ତାନ ଏହାର ଉଲ୍ଲଙ୍ଘନ କରିଥିବାରୁ ଶ୍ରୀ ଘାଇ ଅସନ୍ତୋଷ ବ୍ୟକ୍ତ କରିଥିଲେ । ଏଥିପାଇଁ ଭାରତ ପକ୍ଷରୁ ତୁରନ୍ତ ପାକିସ୍ତାନ ପ୍ରତିପକ୍ଷଙ୍କୁ ଚେତାବନୀ ପ୍ରଦାନ କରାଯାଇଥିଲା । ପାକିସ୍ତାନ ପଟୁ ଆକ୍ରମଣ ଜାରି ରହିଲେ ଭାରତୀୟ ସେନା ଏହାର ଉଚିତ୍ ଜବାବ ଦେବ ବୋଲି ପାକିସ୍ତାନ ପ୍ରତିପକ୍ଷଙ୍କୁ ସୂଚନା ପ୍ରଦାନ କରାଯାଇଥିଲା । ସ୍ଥଳ ସେନା ମୁଖ୍ୟ ଜେନେରାଲ୍ ଉପେନ୍ଦ୍ର ଦ୍ୱିବେଦୀ ସଶସ୍ତ୍ର ବାହିନୀକୁ ଆବଶ୍ୟକ ସ୍ଥଳେ ପ୍ରତି ଜବାବ ଦେବାକୁ ପୂର୍ଣ୍ଣ ସ୍ୱାଧୀନତା ପ୍ରଦାନ କରିଥିଲେ ବୋଲି ଶ୍ରୀ ଘାଇ କହିଥିଲେ ।

ଅପରେସନ ସିନ୍ଦୁର୍ ପରିପ୍ରେକ୍ଷୀରେ ଭାରତୀୟ ସେନାର ସହିଦ ହୋଇଥିବା ୫ ଜଣ ଯବାନ ଏବଂ ପ୍ରାଣ ହରାଇଥିବା ସାଧାରଣ ଜନତାଙ୍କ ପ୍ରତି ଶ୍ରୀ ଘାଇ ସମ୍ମାନ ପ୍ରଦର୍ଶନ କରିଥିଲେ ।

ଏହି ସାମ୍ବାଦିକ ସମ୍ମିଳନୀରେ ଯୋଗଦେଇ ଆକାଶମାର୍ଗ ପରିଚାଳନା ମହାନିର୍ଦ୍ଦେଶକ ଏୟାର୍ ମାର୍ଶାଲ୍ ଏ.କେ. ଭାରତୀ କହିଥିଲେ, ଭାରତୀୟ ବାୟୁସେନା ଏହି ଆକ୍ରମଣରେ ସଫଳତାର ସହ ତାର ଲକ୍ଷ୍ୟ ହାସଲ କରିଛି । ଏ ନେଇ ଏୟାର୍ ମାର୍ସାଲ୍ ଭାରତୀ କ୍ଷତିଗ୍ରସ୍ତ ହୋଇଥିବା ଆତଙ୍କବାଦୀ ସ୍ଥଳୀ ଗୁଡ଼ିକର ଭିଡ଼ିଓ ତଥ୍ୟ ଉପସ୍ଥାପନ କରିଥିଲେ । ପାକିସ୍ତାନ ପଟୁ

ଆକାଶମାର୍ଗରୁ ହୋଇଥିବା ଆକ୍ରମଣକୁ ଭାରତ ପକ୍ଷରୁ ସଫଳତାର ସହ ପ୍ରତିହତ କରାଯାଇଛି ବୋଲି ଏୟାର୍ ମାର୍ସାଲ୍ ଭାରତୀ କହିଛନ୍ତି । ଭାରତୀୟ ସେନା ଆକ୍ରମଣରେ ଆତଙ୍କବାଦୀ ସ୍ଥଳୀ ଗୁଡ଼ିକ ସହ ପାକିସ୍ତାନର କେତେକ ସାମରିକ ଭିତ୍ତିଭୂମି ମଧ୍ୟ କ୍ଷତିଗ୍ରସ୍ତ ହୋଇଥିବା ସେ କହିଛନ୍ତି ।

## ଏନ୍‌ଡିଏମ୍‌ଏ-ଆଡଭାଇଜରୀ

କୌଣସି ଅଜଣା ବିସ୍ଫୋରଣକ୍ଷମ ସାମଗ୍ରୀକୁ ସ୍ପର୍ଶ ନ କରିବାକୁ ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଏନ୍.ଡି.ଏମ୍.ଏ. ଜନସାଧାରଣକୁ ପରାମର୍ଶ ଦେଇଛି । ଏ ସଂକ୍ରାନ୍ତରେ ଏକ ମାର୍ଗଦର୍ଶିକା ଏନ୍.ଡି.ଏମ୍.ଏ. ଜାରି କରିଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏନ୍.ଡି.ଏମ୍.ଏ. କହିଛି, ଏହିଭଳି ସାମଗ୍ରୀ କ୍ଷତି ପହଞ୍ଚାଇବା ସହ ମୃତ୍ୟୁର କାରଣ ହୋଇପାରେ । ଯଦି ସେଭଳି କୌଣସି ସନ୍ଦେହଜନକ ସାମଗ୍ରୀ ଦୃଷ୍ଟିଗୋଚର ହୁଏ, ତେବେ ସଙ୍ଗେ ସଙ୍ଗେ ସ୍ଥାନୀୟ କର୍ତ୍ତୃପକ୍ଷଙ୍କୁ ସୂଚନା ପ୍ରଦାନ କରିବାକୁ ଏନ୍.ଡି.ଏମ୍.ଏ. ପରାମର୍ଶ ଦେଇଛି ।

## ବୁଦ୍ଧ ପୂର୍ଣ୍ଣିମା

ଭଗବାନ ବୁଦ୍ଧଙ୍କ ଜନ୍ମ ଏବଂ ନିର୍ବାଣ ଦିବସ ଅବସରରେ ସମଗ୍ର ଦେଶ ତଥା ବିଦେଶରେ ଆଜି ବୁଦ୍ଧ ପୂର୍ଣ୍ଣିମା ପାଳନ କରାଯାଉଛି । ଆଜିର ଦିବସରେ ଗୌତମ ବୁଦ୍ଧ ଜନ୍ମ ଗ୍ରହଣ କରିବା ସହ ବୋଧଗୟା ମହାବୋଧି

ବୃକ୍ଷ ତଳେ ନିର୍ବାଣ ପ୍ରାପ୍ତ କରିଥିଲେ । ହିନ୍ଦୁ ଏବଂ ବୌଦ୍ଧାଧର୍ମାଲମ୍ବୀମାନେ ଏହି ଦିବସକୁ ଅତ୍ୟନ୍ତ ଶ୍ରଦ୍ଧାର ସହ ପାଳନ କରିଥାନ୍ତି । ଭାରତ ସମେତ ନେପାଳ, ଭୁଟାନ, ବର୍ମା, ଥାଇଲାଣ୍ଡ, ତୀବ୍ବତ, କୋରିଆ, ଲାଓସ, ଭିଏତନାମ, ମଙ୍ଗୋଲିଆ, କାମ୍ବୋଡ଼ିଆ, ସିଙ୍ଗାପୁର, ଇଣ୍ଡୋନେସିଆ ଏବଂ ଶ୍ରୀଲଙ୍କାରେ ଏହି ଦିବସ ପାଳନ କରାଯାଉଛି ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ଏହି ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ରାଷ୍ଟ୍ରପତି ତାଙ୍କ ବାର୍ତ୍ତାରେ କହିଛନ୍ତି, ଭଗବାନ ବୁଦ୍ଧ ଶାନ୍ତି, ପ୍ରେମ ଏବଂ ଦୟାର ପ୍ରତୀକ ଅଟନ୍ତି । ସମଗ୍ର ମଣିଷ ସମାଜରେ କଲ୍ୟାଣ ତାଙ୍କ ଜୀବନର ବ୍ରତ ଥିଲା । ସାମାଜିକ ନ୍ୟାୟ, ସୌହାର୍ଦ୍ଦ୍ୟ ଏବଂ ସମାନତାକୁ ଆପଣେଇବାରେ ଭଗବାନ ବୁଦ୍ଧଙ୍କର ଆଦର୍ଶ ଅନ୍ୟମାନଙ୍କ ପାଇଁ ପ୍ରେରଣା ଉତ୍ସ ହୋଇ ରହିଛି ।

ଉପରାଷ୍ଟ୍ରପତି ଶ୍ରୀ ଧନଖଡ଼ ତାଙ୍କ ବାର୍ତ୍ତାରେ ବିଶ୍ୱର ସାମ୍ପ୍ରତିକ ପରିସ୍ଥିତିରେ ଭଗବାନ ବୁଦ୍ଧଙ୍କ ଶାନ୍ତି ଏବଂ ଦୟାର ବାର୍ତ୍ତା ଅନ୍ୟମାନଙ୍କ ପାଇଁ ପ୍ରେରଣାର ମାର୍ଗ ପ୍ରଦର୍ଶନ କରୁଛି ।

## ୟୁଏସ୍-ଚାଇନା ଟ୍ରେଡ୍ ଡିଲ୍

ଯୁକ୍ତରାଷ୍ଟ୍ର ଆମେରିକା ଚୀନ୍ ସହିତ ଭବିଷ୍ୟତ ବାଣିଜ୍ୟ କାରବାର ନେଇ ଘୋଷଣା କରିଛି । ସ୍ୱିଜରଲାଣ୍ଡର ଜେନେଭା ଠାରେ ଗତ ରାତିରେ ଦ୍ୱିପକ୍ଷ ମଧ୍ୟରେ ଏ ନେଇ ଆଲୋଚନା ଅନୁଷ୍ଠିତ ହୋଇଛି । ହ୍ୱାଇଟ୍ ହାଉସ୍ ପକ୍ଷରୁ

ଦିଆଯାଇଥିବା ସୂଚନା ଅନୁଯାୟୀ ଆମେରିକାର ଟ୍ରେଜେରି ସଚିବ ସ୍କଟ୍ ବେସେଣ୍ଟ ଏବଂ ଚାଇନା ପ୍ରତିପକ୍ଷଙ୍କ ମଧ୍ୟରେ ସକାରାତ୍ମକ ଆଲୋଚନା ହୋଇଛି । ତେବେ ଆଲୋଚନାର ସମ୍ପୂର୍ଣ୍ଣ ବିବରଣୀ ଆଜି ପ୍ରଦାନ କରାଯିବ ବୋଲି ଏଥିରେ କୁହାଯାଇଛି । ଶ୍ରୀ ବେସେଣ୍ଟ ଏହି ଦ୍ୱିପକ୍ଷିୟ ଆଲୋଚନା ପାଇଁ ସହଯୋଗ ପ୍ରଦାନ କରିଥିବାରୁ ସ୍ୱିସ୍ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଆମେରିକାର ବାଣିଜ୍ୟ କାରବାର ପ୍ରତିନିଧି ଆମ୍ବାସଡର ଜାମିସନ୍ ଗ୍ରୀର କହିଛନ୍ତି, ଇତିମଧ୍ୟରେ ଆମେରିକା ୧ ଦଶମିକ୍ ୨ ଟ୍ରିଲିୟନ୍ ୟୁ.ଏସ୍. ଡଲାର୍ ବାଣିଜ୍ୟ କାରବାରରେ ପଛୁଆ ରହିଛି । ଚୀନ୍ ସହିତ ବୁଝାମଣା ବାଣିଜ୍ୟ କାରବାରକୁ ପ୍ରୋତ୍ସାହନ ପ୍ରଦାନ କରିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି ।

## ଇଣ୍ଟରନ୍ୟାସନାଲ୍ ନର୍ସ୍ ଡେ

ଫ୍ଲୋରେନ୍ସ ନାଇଟ୍ ଆଙ୍ଗେଲ୍‌ଙ୍କ ଜନ୍ମ ବାର୍ଷିକୀ ପାଳନ ଅବସରରେ ସମଗ୍ର ବିଶ୍ୱରେ ଆଜି ଆନ୍ତର୍ଜାତିକ ସେବିକା ଦିବସ ପାଳନ କରାଯାଉଛି । ଆନ୍ତର୍ଜାତିକ ସେବିକା ପରିଷଦ ପକ୍ଷରୁ ପ୍ରତିବର୍ଷ ପାଳନ କରାଯାଉଥିବା ଏହି ଦିବସ ଅବସରରେ ଚଳିତ ବର୍ଷର ବାର୍ତ୍ତା ରହିଛି ‘ଆମ ନର୍ସ୍, ଆମ ଭବିଷ୍ୟତ, ସେବିକାଙ୍କ ପାଇଁ ଯତ୍ନବାନ ହେବା ଦ୍ୱାରା ଆର୍ଥିକ ସ୍ଥିତି ସୁଦୃଢ଼ ହେବ’ । ଏହି ଶୀର୍ଷକ ଦେଶର ଆର୍ଥିକ ପ୍ରଗତିରେ ସେବିକାଙ୍କ ଭୂମିକାକୁ ଆଲୋକପାତ କରୁଛି । ସ୍ୱାସ୍ଥ୍ୟ କ୍ଷେତ୍ରକୁ ସୁଦୃଢ଼ କରିବାରେ ସେବିକାଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏହି ଅବସରରେ ସେବିକା ସମାଜକୁ

ଅଭିନନ୍ଦନ ଜଣାଇଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ କହିଛି, ମଣିଷର ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ପ୍ରତ୍ୟେକ କ୍ଷେତ୍ରରେ ସେବିକା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାନ୍ତି ।

## ହମାସ ହଷ୍ଟେଜ୍ ରିଲିଜ୍

ଗାଜାରେ ପଣବନ୍ଦୀ ଥିବା ଆମେରିକାର ଏଡନ୍ ଆଲେକ୍‌ଜାଣ୍ଡାରଙ୍କୁ ଆଜି ହମାସ ମୁକ୍ତ କରିବ । ହମାସ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଇସ୍ରାଏଲ୍ ସହ ହୋଇଥିବା ଅସ୍ତ୍ରବିରତି ଚୁକ୍ତିର ଅଂଶସ୍ୱରୂପ ହମାସ ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି । ଗାଜାକୁ ମାନବୀୟ ସହାୟତା ପହଞ୍ଚିବାରେ ଏହି ନିଷ୍ପତ୍ତି ସହାୟକ ହେବ ବୋଲି ହମାସ ଆଶାବ୍ୟକ୍ତ କରିଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ କହିଛି, ହମାସ ସୈନିକ ଏଡାନ୍ ଆଲେକ୍‌ଜାଣ୍ଡାରଙ୍କୁ ମୁକ୍ତ କରିବା ବଦଳରେ କୌଣସି ଦାବି ରଖିନାହିଁ । ଆମେରିକାର ନେତୃତ୍ୱରେ ଅନ୍ୟ ପଣବନ୍ଦୀଙ୍କ ମୁକ୍ତି ନେଇ ପଦକ୍ଷେପ ଗ୍ରହଣ କରିବାକୁ ଇସ୍ରାଏଲ୍ ସହମତ ହୋଇଛି ବୋଲି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଏହି ପୋଷ୍ଟରେ ସୂଚନା ଦେଇଛି ।

# କ୍ରିକେଟ୍

ଭାରତ ମହିଳା ତ୍ରିରାଷ୍ଟ୍ରୀୟ ଆନ୍ତର୍ଜାତିକ ଏକଦିବସୀୟ ଦିନିକିଆ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଟାଇଟଲ ହାସଲ କରିଛି । ଶ୍ରୀଲଙ୍କା କଲମ୍ବୋ ସ୍ଥିତ ଆର୍. ପ୍ରେମଦାସା ଷ୍ଟାଡିୟମ୍ ଠାରେ ଗତକାଲି ଅନୁଷ୍ଠିତ ଫାଇନାଲ୍ ମ୍ୟାଚ୍‌ରେ ଭାରତ ଶ୍ରୀଲଙ୍କାକୁ ୯୭ରନ୍‌ରେ ପରାସ୍ତ କରିଛି । ଟସ୍ ଜିତି ଭାରତ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା । ନିର୍ଦ୍ଧାରିତ ୫୦ ଓଭରରେ ଭାରତ ୭ ଓ୍ୱିକେଟ୍‌ରେ ୩୪୨ରନ୍ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ଉପ-ଅଧିନାୟକ ସ୍ମିତି ମାନ୍ଧାନା ୧୧୬ରନ୍ ସଂଗ୍ରହ କରିଥିବା ବେଳେ ହରଲିନ୍ ଦେଓଲ ୪୭ରନ୍ ଏବଂ ଜେମିମା ରୋଡ୍ରିଗିଜ୍ ୪୪ରନ୍ ସଂଗ୍ରହ କରିଥିଲେ । ୩୪୩ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଶ୍ରୀଲଙ୍କା ୪୮ ଓଭର ୨ଟି ବଲ୍‌ରେ ୨୪୫ରନ୍ ସଂଗ୍ରହ କରିଥିଲା । ଭାରତ ପକ୍ଷରୁ ସ୍ନେହ ରାଣା ୩୮ରନ୍ ଦେଇ ୪ଟି ଓ୍ୱିକେଟ୍ ଅକ୍ତିଆର କରିଥିଲେ । ସ୍ମିତି ମାନ୍ଧାନାଙ୍କୁ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ଏବଂ ସ୍ନେହ ରାଣାଙ୍କୁ ପ୍ଲେୟାର୍ ଅଫ୍ ଦି ସିରିଜ୍ ବିବେଚିତ କରାଯାଇଛି ।

# ଆର୍ଚେରୀ ଓ୍ୱାର୍ଲ୍ଡକପ୍

ଚୀନ୍‌ର ସାଂଘାଇ ଠାରେ ଚାଲିଥିବା ବିଶ୍ୱ ତୀରନ୍ଦାଜ୍ ପ୍ରତିଯୋଗିତାର ଦ୍ୱିତୀୟ ପର୍ଯ୍ୟାୟକୁ ଭାରତ ସଫଳତା ସହ ଶେଷ କରିଛି । ଏଥିରେ ଭାରତ ଦୁଇଟି ସ୍ୱର୍ଣ୍ଣ, ଗୋଟିଏ ରୌପ୍ୟ ଏବଂ ୪ଟି ବ୍ରୋଞ୍ଜ ପଦକ ସହ ମୋଟ୍ ୭ଟି ପଦକ ହାସଲ କରିଛି । ମହିଳା ବ୍ୟକ୍ତିଗତ କମ୍ପାଉଣ୍ଡ ଇଭେଣ୍ଟରେ ମଧୁରା

ଧାମନଗୋୟଙ୍କର ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ଭାରତର ପୁରୁଷ ଦଳ ଏହି ବର୍ଗରେ ଦଳଗତ ଚାମ୍ପିୟାନ୍‌ସିପ୍ ହାସଲ କରିଛନ୍ତି । ଅଭିଶେକ ବର୍ମା, ରିଷବ ଯାଦବ ଏବଂ ଓଜାସ ଡିଓଟେଲ୍ ଏହି ବର୍ଗରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ପ୍ରତିଯୋଗିତାର ତୃତୀୟ ପର୍ଯ୍ୟାୟ ଆସନ୍ତା ମାସ ୩ରୁ ୮ ତାରିଖ ପର୍ଯ୍ୟନ୍ତ ଖେଳାଯିବ ।

## ପାଣିପାଗ

ପଶ୍ଚିମବଙ୍ଗର ହିମାଳୟ କ୍ଷେତ୍ର ଏବଂ ସିକ୍କିମ୍‌ର ବିଭିନ୍ନ ଅଞ୍ଚଳରେ ଆଜି ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ଭାରତୀୟ ପାଣିପାଗ ବିଭାଗ କହିଛି । ଉତ୍ତର ପଶ୍ଚିମ କେନ୍ଦ୍ରୀୟ, ପୂର୍ବ ଏବଂ ଦକ୍ଷିଣାଞ୍ଚଳରେ ଧୂଳିଝଡ଼ ସହ ବର୍ଷା ସମ୍ଭାବନା ରହିଛି । ପାଣିପାଗ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ବିହାର, ପଶ୍ଚିମବଙ୍ଗ ଏବଂ ସିକ୍କିମ୍‌ର ବିଭିନ୍ନ ଅଞ୍ଚଳ, ଝାଡ଼ଖଣ୍ଡ, କେରଳ, ମାହେ, ତାମିଲ୍‌ନାଡୁ ଏବଂ ପୁଡୁଚେରୀରେ ଆଜି ପ୍ରବଳ ଗରମ ଏବଂ ଗୁଳୁଗୁଳି ଅନୁଭୂତ ହେବ । ଆସନ୍ତା ସପ୍ତାହକ ପର୍ଯ୍ୟନ୍ତ ସର୍ବାଧିକ ତାପମାତ୍ରା ୨ରୁ ୩ ଡିଗ୍ରି ସେଲ୍‌ସିୟସ୍ ପର୍ଯ୍ୟନ୍ତ ବୃଦ୍ଧି ପାଇବାର ସମ୍ଭବନା ରହିଛି ବୋଲି ପାଣିପାଗ ବିଭାଗ ସୂଚନା ଦେଇଛି ।